# ଚିନ୍ତାମଣି ଦାଶ

ଶ୍ରୀରାଧାକୃଷ୍ଣ-ଶ୍ରୀଜଗନ୍ନାଥ-ଶ୍ରୀଅଚ୍ୟୁତାନନ୍ଦ ଏକ ତଥା ଅଭିନ୍ନ ବୋଲି ମନେ କରୁଥିବା ଏହି ଲେଖକ ୩୭ ବର୍ଷର ଜଣେ ସଫଳ ସଂସ୍କୃତଶିକ୍ଷକ । ତାଙ୍କର ଲେଖାଗୁଡ଼ିକ ସ୍ୱତନ୍ତ୍ର ତଥା ଭିନ୍ନ । ତାଙ୍କର ପୁସ୍ତକ-

**ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ,** ପୃଷ୍ଠା- ୩୨୦, ପ୍ରକାଶକାଳ-୨୦୧୦, ମୂଲ୍ୟ:ଟ.୩୦୦.୦୦

ଶଙ୍କରାଚାର୍ଯ୍ୟଙ୍କ ଉପରେ ଆଧାରିତଏହି ପୁସ୍ତକ । ଜଗତ୍‌ଗୁରୁଙ୍କ ଆବିର୍ଭାବ, ଜନ୍ମସ୍ଥାନ, ଜନ୍ମ ବୃତ୍ତାନ୍ତ, ଶିକ୍ଷାଠାରୁ ଆରମ୍ଭ କରି ସନ୍ନ୍ୟାସ ଗ୍ରହଣ ଓ ଗୁରୁ ସନ୍ଧାନ ଆଦି ବିଷୟ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରାଯାଇଛି । ମୋହଦ୍‌ଗୁରୁ ରଚନା, ଶଙ୍କରଙ୍କ ପ୍ରକୃତ ଗୁରୁ କିଏ, ଶଙ୍କର ଶିବଙ୍କ ଅବତାର କି ଆଦି ବିଷୟ ମଧ୍ୟ ଅନେକ ଯୁକ୍ତି ଛଳରେ ବର୍ଣ୍ଣନା ଦିଆଯାଇଛି । ଜଗଦ୍‌ଗୁରୁଙ୍କ କେତେକ ଲେଖାକୁ ଏଥିରେ ସନ୍ନିବେଶିତ କରାଯିବା ସହ ଏହାର ଓଡ଼ିଆରେ ବ୍ୟାଖ୍ୟା ମଧ୍ୟ କରାଯାଇଛି । ପୁସ୍ତକଟି ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଏକ ପ୍ରାମାଣିକ ଗ୍ରନ୍ଥ ବୋଲି କୁହାଯାଇପାରେ । ସନାତନ ଧର୍ମ ସଂସ୍କୃତିର ଗବେଷକଙ୍କ ନିକଟରେ ପୁସ୍ତକଟିର ଉପାଦେୟତା ସ୍ୱୀକାର୍ଯ୍ୟ ।